## ୨ ବାଲି ବୋଝେଇ ଗାଡ଼ିକୁ ୩୫,୧୩୬ ଜରିମାନା

ଭଣ୍ଡାରିପୋଖରୀ,(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବର୍ଷ ବର୍ଷ ଧରି ବେଆଇନ ବାଲି ଚାଲାଣ ହେଉଛି। ତହସିଲଦାର ସରୋଜକାନ୍ତ ନାୟକ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ଚଢ଼ାଉ ବେଳେ ଛତାବର ନିକଟରୁ ଗୋଟିଏ ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ କରିଛନ୍ତି। ସେହିପରି କୁମ୍ଭାରିଆଠାରୁ ମଧ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ତହସିଲ ପକ୍ଷରୁ ଚଢ଼ାଉ ହେଉଥିବା ଖବରପାଇ କେତୋଟି ଗାଡ଼ି ଖସି ପଳାଇଛି। ଜବତ ଦୁଇ ଗାଡ଼ିରୁ ଜରିମାନା ବାବଦରେ ୩୫,୧୩୬ ଟଙ୍କା ଆଦାୟ କରାଯାଇଛି।

### ସଂକ୍ଷେପରେ

## ୪୪୬ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

କୁଳିଅଣା,୧୨।୧୧(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଜାନକୀଲାଲ ସରକାରୀ ହାଇସ୍କୁଲ ପରିସରରେ ଶନିବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବୈଜୟନ୍ତୀ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ସରସ୍ୱତୀ ସିଂ ଓ ଗୌରୀମଣି ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ୪୪୬ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବାରିପଦା ମୁଖ୍ୟ ଚିକିତ୍ସାଳୟର ଡା. ଜ୍ୟୋସ୍ନା ସ୍ୱାଇଁ, ଡା. ସୁଶାନ୍ତ କୁମାର ଶର୍ମା, ଡା. ନୂତନ ମହାନ୍ତ, ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅରୁଣ କୁମାର ସାହୁ, ସୌଭାଗ୍ୟ ମାଝି, ରୋହିତ କୁମାର ବିଶ୍ୱାଳ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ।

## ସଞ୍ଚୟ ପକ୍ଷ ଉପଲକ୍ଷେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ବାଲେଶ୍ୱର ଅଫିସ,୧୨।୧୧- ବାଲେଶ୍ୱରସ୍ଥିତ ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ସଞ୍ଚ ପକ୍ଷ ଉପଲକ୍ଷେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଅଗ୍ରୱାଲା ସୀମାନ୍ତ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ଦିବ୍ୟଜ୍ୟୋତି କୁଇଲା ପ୍ରଥମ, ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରଜ୍ଞା ପାରମିତା ଜେନା ଦ୍ୱିତୀୟ ଏବଂ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅମରନାଥ ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ଖଇରା ମହାବିଦ୍ୟାଳୟର ସାବିତ୍ରୀ ମହାନ୍ତି ପ୍ରଥମ, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ତନୁଶ୍ରୀ ମୈକାପ ଦ୍ୱିତୀୟ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସତ୍ୟମ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଥମରୁ ତୃତୀୟ ଯଥାକ୍ରମେ ୧୫୦୦, ୧୦୦୦ ଓ ୫୦୦ ଟଙ୍କା ସେମାନଙ୍କ ସଞ୍ଚୟ ଖାତାକୁ ପଠାଇବାର ବ୍ୟବସ୍ଥା ରହିଛି ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ପ୍ରଜ୍ଞା ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ଶୁଭଶ୍ରୀ ମାନ୍ନା ଓ ବରିଷ୍ଠ ରାଜସ୍ୱ ସହାୟିକା ସ୍ୱର୍ଣ୍ଣପ୍ରିୟା ଦାସ ପରିଚାଳନା କରିଥିଲେ।

## କଲେଜରେ ରକ୍ତଦାନ ଶିବିର

ଗୋପବନ୍ଧୁ ନଗର,୧୨।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରାଣ ପ୍ରତିଷ୍ଠାତା କୃଷ୍ଣମୋହନ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା କବିତା ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉଦଳା ରକ୍ତଭଣ୍ଡାରର ଡାକ୍ତରମାନେ ଏଥିରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଅଧାପକ ଗୋପାଳକୃଷ୍ଣ ନାୟକ, ଉମାକାନ୍ତ ବେହେରା, ସୁଜିତ କୁମାର ମାଇତି, ଅଧାପିକା ଇପ୍‌ସିତା ମୋନାଲିସା ମିଶ୍ର, ସୁକାନ୍ତି ବିଶ୍ୱାଳ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଖବରଦାତା ନିମାଇଁ ପ୍ରସାଦ ଦାଶ ଓ ଶାନ୍ତନୁ କୁମାର ମଡୁଆଲ ସହଯୋଗ କରିଥିଲେ।

# ଅସ୍ତିତ୍ୱ ହରାଇବାକୁ ବସିଛି ଦୋବଲ ହାଟ

ଧାମନଗର,୧୨।୧୧(ଡି.ଏନ.ଏ.)

ଦିନକୁ ଦିନ ହାଟ ପରମ୍ପରା ଓ ସଂସ୍କୃତି ହଜିବାକୁ ବସିଲାଣି। ଯେଉଁଠି ଗୋଟେ ଗୋଟେ ହାଟ ରହିଛି, ତା'ର ରକ୍ଷଣାବେକ୍ଷଣ ପ୍ରତି ସରକାର ନଜର ଦେଉନାହାନ୍ତି। ଯାହାର ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳରେ। ଦୀର୍ଘଦଶନ୍ଧି ଧରି ନିଜର ସ୍ଥିତିକୁ ଜାହିର କରିଆସିଥିବା ଦୋବଲ ହାଟ ଅସ୍ତିତ୍ୱ ହରାଇବାକୁ ବସିଛି। ଦୋବଲ ବଜାରଠାରେ କେଉଁ କାଳରୁ ପଣ୍ୟ ବିନିମୟର ମାଧ୍ୟମ ପାଲଟିଥିବା ଏହି ହାଟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଆବଶ୍ୟକ ଭିତ୍ତିଭୂମି ନାହିଁ। ଏଠାରେ ଥିବା କେତେକ ଅସ୍ଥାୟୀ କୁଡ଼ିଆ ବର୍ଷା, ଝଡ଼ ବାତ୍ୟାରେ ଭାଙ୍ଗି ନଷ୍ଟ ହୋଇଗଲାଣି। ଫଳରେ ବ୍ୟବସାୟୀମାନେ ଖୋଲା ଆକାଶ ତଳେ ପାଲ ପକାଇ ବେପାର କରୁଛନ୍ତି।

ମୁସ୍ତାଫାପୁର ପଞ୍ଚାୟତରେ ରହିଛି ଏହି ସାପ୍ତାହିକ ହାଟ। ସପ୍ତାହର ସୋମବାର ଓ ଗୁରୁବାର ହାଟ ବସିଥାଏ। ଏହି ହାଟ ଉପରେ ପ୍ରାୟ ୧୦ ପଞ୍ଚାୟତର ବିଭିନ୍ନ ସ୍ଥାନରୁ ବେପାରୀମାନେ ଆସି ନିଜର ଦ୍ରବ୍ୟ ସାମଗ୍ରୀ ବିକିଗୁଜୁରାଣ ମେଣ୍ଟାଇଥାନ୍ତି। ଲୋକଙ୍କ ଅବଶ୍ୟକତା ଓ ସମ୍ପର୍କକୁ ଦୃଢ଼ୀଭୂତ ପାଇଁ ଦୋବଲ ବଜାରଠାରେ ଜମିଦାର ସମୟରେ ହବିବୁର ରହେମାନ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏହି ହାଟ ସ୍ଥାପନ ହୋଇଥିଲା। ହାଟ ପାଇଁ ସେତେବେଳେ ୩୨୦ ଟଙ୍କା ମହାସୁଲ ଦିଆଯାଉଥିଲା। ସମୟକ୍ରମେ ଭଲ ବେପାର ହେଲା ଏବଂ ଜମିଦାରୀ ଉଚ୍ଛେଦ ପରେ ହାଟ ପଞ୍ଚାୟତ ଅଧୀନକୁ ଯାଇଥିଲା। ପଞ୍ଚାୟତ ମାଧ୍ୟମରେ ସ୍ଥାନୀୟ ବ୍ଲକ ପ୍ରଶାସନ ହାଟକୁ ନିଲାମ କରି ରାଜସ୍ୱ ଆଦାୟ କରିଥିଲା। ଭଦ୍ରକ ଷେଣ୍ଡପୁର ମୁଖ୍ୟରାସ୍ତାର ବାମପାର୍ଶ୍ୱରେ ୪୨ ଡିସିମିଲ ଜମିରେ ଏହି ହାଟ ରହିଛି। ସେଥିମଧ୍ୟରୁ କେତକ ମୁଷ୍ଟିମେୟ ବ୍ୟକ୍ତି ଚତୁପାର୍ଶ୍ୱ ଜବରଦଖଲ କରି ରଖିଛନ୍ତି। ୨୦୧୭ରେ ୨ ଲକ୍ଷ ୧୭ ହଜାର ଟଙ୍କାରେ ହାଟ ନିଲାମ କରଯାଇଥିଲା। ନିଲାମ ଅର୍ଥରାଶି ଅଧିକ ହୋଇଥିବାରୁ କେହି ଏଥିରେ ଭାଗ ନେଇ ନ ଥିଲେ। ପରବର୍ତ୍ତୀ ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱରେ ରଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ହାଟ ଦାୟିତ୍ୱ ଦିଆଯାଇଥିଲା। ହେଲେ ବିନା ରେକର୍ଡରେ ସଲାସୁତୁରା ହୋଇ ହାଟ ଟଙ୍କା ହରିଲୁଟ କରୁଥିବା



ଅଭିଯୋଗ ହେଉଥିଲା। ହାଟଦାଣ୍ଡିଆ ସପ୍ତାହକୁ ପଞ୍ଚାୟତ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଟଙ୍କା ଦେଉଥିବା ବେଳେ ସରକାରୀ ଖାତାକୁ କେତେ ଯାଉଥିଲା ତାହା ତଦନ୍ତ ସାପେକ୍ଷ। ଦ୍ୱିତୀୟ ଥର ୨୦୨୧ ଅକ୍ଟୋବରରେ ୬ମାସ ପାଇଁ ୧ ଲକ୍ଷ ୧୯ ହଜାରରେ ନିଲାମ ଡକାଯାଇଥିବା ବେଳେ କେହି ନିଲାମ ନେଇ ନ ଥିଲେ। ପୂର୍ବପରି ହାଟ ଦାଣ୍ଡିଆ ପଞ୍ଚାୟତକୁ ଟଙ୍କା ଦେଇ ଚାଲିଲେ। ଏହି ପଞ୍ଚାୟତ ପୁନର୍ଗଠନ ପରେ ନୂତନ ସରପଞ୍ଚ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ହାଟ ନିଲାମ କରିପାରୁ ନ ଥିଲେ। ପଞ୍ଚାୟତ ପିଅନ ହାତରେ ହାଟ ଦାୟିତ୍ୱ ରହିଥିଲା। ପଞ୍ଚାୟତ ପକ୍ଷରୁ ମେଣ୍ଟେନାନ୍ସ ପାଇଁ ହାଟ ପାଳିକେ ୧୪ ଶହ ଟଙ୍କା ଆଦାୟ କରାଯାଉଛି। ବରଡ଼ାପତ୍ର କୁଡ଼ିଆରେ ଆରମ୍ଭ ହୋଇଥିବା ହାଟର ପରିବର୍ତ୍ତନ ଦୀର୍ଘବର୍ଷ ପରେ ବି ହୋଇପାରିନି। ସେହି ଚିରାଚରିତ ଢଙ୍ଗରେ ବେପାରୀମାନେ ଆସି ଖୋଲା ଆକାଶ ତଳେ ବସି ବେପାର କରୁଛନ୍ତି। କୋଭିଡ୍ ପରେ କେତେଜଣ ଯୁବକ ବାହାରୁ ପଳାଇ ଆସି ନିଜର ଜୀବନ ଜୀବିକା ପାଇଁ ବେପାର ବଣିଜକୁ ମାଧ୍ୟମ ଭାବେ ଗ୍ରହଣ କରିଥିବା ଦେଖାଯାଉଛି।

ପରିବା ଚାଷୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହନ୍ତି, ମୁଁ ୪୦ ବର୍ଷ ହେଲା ଏ ହାଟରେ ପରିବା ବିକ୍ରି କରି ଆସୁଛି। ହାଟ ଯେମିତି ଥିଲା ସେମିତି ରହିଛି। ହାଟ ବାରିରେ ପଞ୍ଚାୟତକୁ ୨୦ ଟଙ୍କା ଓ ପରିବା ତୋଳା ଦେଉଛୁ ହେଲେ ହାଟ ଯଥା ପୂର୍ବଂ ତଥା ପରଂ। ପ୍ରାୟ ୮୦ ବର୍ଷ ହେଲା ଆମ ବାପା ଓ ପରେ ଆମେ ଏଠାରେ ବେପାର କରୁଛୁ। ହାଟୁଆଙ୍କ ପାଇଁ ବ୍ୟବସ୍ଥା କିଛି ନାହିଁ। ହାଟ ପରିସର କଂକ୍ରିଟ ସହ ସିମେଣ୍ଟ ପିଣ୍ଡି ବ୍ୟବସ୍ଥା କରାଯାଉ ବୋଲି ମତପ୍ରକାଶ କରିଛନ୍ତି ଫଳ ଦୋକାନୀ ଦାମୋଦର ସାହୁ। ଏ ସମ୍ପର୍କରେ ମୁସ୍ତାଫାପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଜେନା କହିଛନ୍ତି, ଦୋବଲ ହାଟ ଦୁଇଥର ନିଲାମ ଡକାଗଲାଣି। ହେଲେ କେହି ନିଲାମ ଧରୁ ନାହାନ୍ତି। ଫଳରେ ପଞ୍ଚାୟତ ହାଟ ବୁଝୁଛି। ଏହାର ଚତୁପାର୍ଶ୍ୱ ଜବରଦଖଲରେ ରହିଛି। ପୂର୍ବତନ ଓ ବର୍ତ୍ତମାନ ସରପଞ୍ଚ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ବାରମ୍ବାର ଜଣାଇଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ହାଟ କାଦୁଅ ନ ହେବା ପାଇଁ ପ୍ରତିବର୍ଷ ଡଷ୍ଟ ପଡୁଛି। ହାଟର ବିକାଶରେ ଜବରଦଖଲ ଦାଉ ସାଜିଛି।

## ଜମିବାଡ଼ି ବିବାଦରୁ ମାର୍‌ପିଟ୍
### ୩ ଗୁରୁତର, ୩ ଗିରଫ

ପଦ୍ମପୁର, ୧୨।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ପାଟଣାମିଶ୍ରପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଜମିବାଡ଼ି ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଏଥିରେ ୩ଜଣ ଗୁରୁତର ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଉଭୟ ପକ୍ଷରୁ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ସାବିତ୍ରୀ ବାରିକ ଓ ମିନତି ବାରିକଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ନେଇ ବିବାଦ ଲାଗିରହିଥିଲା। ସ୍ଥାନୀୟ ଭଦ୍ରଲୋକଙ୍କ ଉପସ୍ଥିତିରେ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ସମାଧାନ ହୋଇପାରି ନ ଥିଲା। ବାଡ଼ଘେରାକୁ ନେଇ ଉଭୟପକ୍ଷ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ସାବିତ୍ରୀଙ୍କ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୨୬୨/୨୨) ରୁଜୁ ହୋଇଥିବା ବେଳେ ସୁରେଶ ଚନ୍ଦ୍ର ବାରିକଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ମିନତିଙ୍କ ଅଭିଯୋଗକ୍ରମେ ପୋଲିସ ଅନ୍ୟ ଏକ ମାମଲା (ନଂ.୨୬୩/୨୨) ରୁଜୁ କରି ଚିନ୍ତାମଣି ବାରିକ ଓ ଦୁର୍ଯ୍ୟୋଧନ ବାରିକଙ୍କୁ ଗିରଫ କରିଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ଶାନ୍ତି, ପ୍ରଗତି ପାଇଁ ବିଜେଡିର ପଦଯାତ୍ରା



ବିଭିନ୍ନ ଗ୍ରାମ ପରିକ୍ରମା କରୁଥିବା ବିଜେଡି ପଦଯାତ୍ରା।

ଖଇରା, ୧୨।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ୬ନଂ. ଜୋନରେ ଶୁକ୍ରବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜେଡି କର୍ମୀଙ୍କର ଏକ ବିଶାଳ ଶୋଭାଯାତ୍ରା ସାନଜୟିପୁର ଛକରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ବେଲକୁଲାରେ ପହଞ୍ଚିଥିଲା । ପରେ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧକ୍ଷତାରେ ସଭାରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଜେଡି ଶାନ୍ତି ଓ ପ୍ରଗତିରେ ବିଶ୍ୱାସ କରେ। ସିମୁଳିଆରେ ମଧ ୮ବର୍ଷ ଧରି ଜନସାଧାରଣ ଏହା ଉପଲବ୍ଧି କରିସାରିଛନ୍ତି। ଆଗାମୀ ଦିନରେ ମଧ ଶାନ୍ତି ପ୍ରତିଷ୍ଠା ପାଇଁ ବିଜେଡିକୁ ସମର୍ଥନ ଜାରି ରଖିବା ଦରକାର ବୋଲି ଉଲ୍ଲେଖ କରିଥିଲେ। ବିଜେଡି ଯୁବନେତା ଗଣେଶ ପ୍ରସାଦ ମହାପାତ୍ର, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସ, ଢୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଗୋଳିହା ସମବାୟ ସମିତି ପରିଚାଳନା ବୋର୍ଡ ସଭାପତି ରମେଶ ଚନ୍ଦ୍ର ଘଡେଇ, ପ୍ରାକ୍ତନ ସରପଞ୍ଚ ଦୈତାରୀ ସେଠୀ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ପ୍ରାକ୍ତନ ସରପଞ୍ଚ ଦୈତାରୀ ସେଠୀ, ବିଜେଡି ମହିଳା ସଭାପତି ଜୟନ୍ତୀ ମହଲା, ସୁଷମା ମହାପାତ୍ର ଓ ରଶ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ବିରୋଧୀଙ୍କୁ କଡା ସମାଲୋଚନା କରିଥିଲେ।

## ନୂତନ ରକ୍ତଦାତା ସୃଷ୍ଟି ଲାଗି ସଚେତନତା

ପାଟଣା,୧୨।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପଲାଶ ଘାଟି ପଞ୍ଚାୟତ କୁମୁଳା ବାହାଳି ଗ୍ରାମରେ ଶୁକ୍ରବାର ଭରସା ପରିବାର ତରଫରୁ ନୂତନ ରକ୍ତଦାତା ସୃଷ୍ଟି ପାଇଁ ସଚେତନତା କରାଯାଇଛି। ଏଥିରେ ଭରସା ପରିବାର ଜିଲା ସଭାପତି ଲମ୍ବୋଦର ମହାନ୍ତ ଓ ପାଟଣା ବ୍ଲକ୍ ସଭାପତି ଭରତ ଚନ୍ଦ୍ର ମହାନ୍ତ, ସମ୍ପାଦକ ବାପୁନ ମହାନ୍ତଙ୍କ ନେତୃତ୍ୱରେ ନୂତନ ରକ୍ତଦାତା ସୃଷ୍ଟି କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବାରର ସକ୍ରିୟ ସଦସ୍ୟଭାବେ ଉକ୍ତ ଗ୍ରାମର ଦିଲ୍ଲୀପ ମୁଣ୍ଡା, ରବିନ୍ଦ୍ର ମୁଣ୍ଡା, ସଗେନ ମୁଣ୍ଡା, ସାଧୁଚରଣ ହେମ୍ବ୍ରମ, ସୁରେଶ ମୁଣ୍ଡା, ଘନଶ୍ୟାମ ମହାନ୍ତ, ବିନୋଦ ବିହାରୀ ହେମ୍ବ୍ରମ, ସିଙ୍ଗା ମୁଣ୍ଡା, ମହେଶ୍ୱର ମହାନ୍ତ, ବାବୁଲି ମୁଣ୍ଡା, ବିଜୁ ମୁଣ୍ଡା, ଜିତେନ୍ଦ୍ର ମୁଣ୍ଡା ପ୍ରମୁଖ ରକ୍ତଦାନ ପାଇଁ ନାମ ପଞ୍ଜିକୃତ କରିଥିଲେ।

## ୩୦ରୁ ପୀରବାବାଙ୍କ ଉର୍ସ ଉତ୍ସବ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଭଦ୍ରକ ଅଫିସ,୧୨।୧୧

ଭଦ୍ରକ ଜିଲା ଧାମନଗର ଏନ୍‌ଏସିରେ ପୀରବାବାଙ୍କ ଖାନ୍‌କାରେ ହେବାକୁ ଥିବା ୪୩ତମ ଉର୍ସ ହଜୁର ମୁଜାହିଦ-ଇ-ମିଲାତ ଉତ୍ସବ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର ଜୁଡିସିଆଲ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଚଳିତମାସ ୩୦ ଓ ଡିସେମ୍ବର ୧ ଦୁଇଦିନ ଧରି ଏହି ଉତ୍ସବ ପାଳନ ହେବ। ଉତ୍ସବ ପାଳନ ପ୍ରକ୍ରିୟା, ଧାର୍ଯ୍ୟ ସମୟ, ଆବଶ୍ୟକ ପ୍ରଶାସନିକ ସହଯୋଗ ସମ୍ବନ୍ଧରେ କମିଟିର ସମ୍ପାଦକ ମହମ୍ମଦ ଇସ୍ରାଏଲ ହବିବ୍, ଉପସଭାପତି ମୌଲାନା ମୁସ୍ତାଫା ରେଜା ହବିବ୍ ଏବଂ ସହ ସମ୍ପାଦକ ଏସ୍.କେ. ଅବଦୁର ରହମାନ ଉପସ୍ଥାପନ କରିବା ପରେ ଜିଲାପାଳ ଏବଂ ଏସ୍‌ପି ଆଲୋଚନା କରିଥିଲେ। ଲକ୍ଷାଧିକ ଜନସମାଗମ ସାଙ୍ଗକୁ ରାଜ୍ୟ ବାହାରୁ ଆସିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ସମାବେଶ ପାଇଁ ବିଭିନ୍ନ ଦିଗରେ ଆଲୋଚନା ଅନୁଯାୟୀ ନିଷ୍ପତ୍ତି ନିଆଯାଇଥିଲା। ରାସ୍ତା ମରାମତି, ରାସ୍ତାରେ ଆଲୋକ, ରାସ୍ତାପାର୍ଶ୍ୱ ଗଛଡାଳ କଟାଯିବା, ବହୁ ସଂଖ୍ୟାରେ ଅସ୍ଥାୟୀ ଶୌଚାଳୟ, ସଫେଇ, ପାଣି ଟ୍ୟାଙ୍କର, ଆମ୍ବୁଲାନ୍ସ ଓ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ରେଳଷ୍ଟେଶନରେ ଅଧିକ ଟିକେଟ୍ କାଉଣ୍ଟର ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନଗହଳି ନିୟନ୍ତ୍ରଣ ନିମନ୍ତେ ଭଲ୍ୟୁଣ୍ଟର ସଂଖ୍ୟା ବୃଦ୍ଧି ପାଇଁ ଜିଲାପାଳ ଓ ସିସିଟିଭି ଲଗାଇବାକୁ ଏସ୍‌ପି ପ୍ରସ୍ତାବ ଦେଇଥିଲେ। ୩୦ ତାରିଖ ସକାଳ ୬ଟାରୁ ୭ଟା ୩୦ ପର୍ଯ୍ୟନ୍ତ କୋରାନ୍ ପାଠ, ୭ଟା ୩୦ରୁ ପୀରବାବାଙ୍କ ଦର୍ଶନ, ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଡିସେମ୍ବର ୧ ଭୋର ୪ଟାରେ ବାବାଙ୍କ ସ୍ନାନ, ୬ଟାରୁ ଚାଦର ଶୋଭାଯାତ୍ରା, ଅପରାହ୍ନ ୪ଟାରୁ ୫ଟା ୧୫ ସାମୂହିକ ପ୍ରାର୍ଥନା ଏବଂ ପୀରବାବାଙ୍କ ନାତି ସାଜାଦା ନସିନ୍‌ଙ୍କ ଧାର୍ମିକ ବାଣୀ ପ୍ରଦାନ ଏବଂ ରାତି ୮ରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ମୌଲାନାମାନଙ୍କର ଆଧାତ୍ମିକ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ଡିଏସ୍‌ପି, ଡିଆଇଡବି କମଳ ଲୋଚନ ଭୂୟାଁ, ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର କ୍ଷୀରୋଦ ପଣ୍ଡା, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଆଇଆଇସି ବନମାଳୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ବିଉଟିସିଆନ୍

ବାଲେଶ୍ୱର ଅଫିସ, ୧୨।୧୧




ବୈଠକରେ ଉପସ୍ଥିତ ବିଉଟି ୱେଲଫେୟାର ଆସୋସିଏଶନ କର୍ମକର୍ତ୍ତା।

ବାଲେଶ୍ୱର ସହର ରାଣୀପାଟଣାସ୍ଥିତ କଲ୍ୟାଣମଣ୍ଡପ ପରିସରରେ ବିଉଟି ୱେଲଫୟାର ଆସୋସିଏଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାର ଶତାଧିକ ବିଉଟିସିଆନ୍ ଯୋଗଦେଇଥିଲେ। ସଂଘର ଜିଲା ସଭାପତି ନିବେଦିତା ପ୍ରଧାନ ସଭାପତିତ୍ୱ କରି ପ୍ରତ୍ୟେକ ବିଉଟିସିଆନ୍‌ଙ୍କୁ ସଙ୍ଗଠନରେ ଯୋଡ଼ିବା ଓ ସେମାନଙ୍କର ମୌଳିକ ଅଧିକାର ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ସଭାପତି ସୁପ୍ରିୟା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀ ସଶକ୍ତିକରଣ ସମାଜରେ ଏକ ଅର୍ଥନୈତିକ ବିପ୍ଳବ ଆଣିଛି। ସେଥିପାଇଁ ବିଉଟିସିଆନ୍‌ମାନେ ନିଜର ଉତ୍ତମ ଶିକ୍ଷା ଏବଂ ପ୍ରଶିକ୍ଷଣ ସହ ସରକାରୀ ସହାୟତା ଅନିବାର୍ଯ୍ୟ। ବହୁ କ୍ଷେତ୍ରରେ ବିଉଟିସିଆନ୍‌ମାନେ ଏସବୁଠାରୁ ବହୁ ଦୂରରେ ଥିବାରୁ ଏହା ଦୁର୍ଭାଗ୍ୟଜନକ। ସଙ୍ଗଠନ ମାଧ୍ୟମରେ ସେମାନଙ୍କୁ ଏକାଠି କରି ଉନ୍ନତ ଶିକ୍ଷା ପ୍ରଦାନ କରିବା ସହ ରୋଜଗାରକ୍ଷମ କରାଇବା, ସରକାରୀ ସୁବିଧାକୁ ଉପଲବ୍ଧ କରାଇବା ଆବଶ୍ୟକତା ରହିଛି। ସୁଲଭ ମୂଲ୍ୟରେ କିପରି ଏହା ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ସହ ସଙ୍ଗଠନର ଜଣେ ଶୃଙ୍ଖଳିତ ସଦସ୍ୟ ଭାବରେ ସାମାଜିକ କାର୍ଯ୍ୟରେ ହାତ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଗାଇଡ୍ ମନୋହର ଅଲ୍ଲୀ ଓ ରାଜ୍ୟ ଉପସଭାପତି କୃଷ୍ଣପ୍ରିୟା ତ୍ରିପାଠୀ ଉପସ୍ଥିତ ଥିଲେ। ସଙ୍ଗଠନର ଉତ୍ତମ ପରିଚାଳନା ପାଇଁ ୨ଜଣ ଯୁଗ୍ମ ସମ୍ପାଦିକାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଲେ ଦୀପ୍ତି ସେଠୀ ଓ ରୂପାଲି ସିହ୍ନା।

# 'ସୁସ୍ଥ ପରିବେଶରେ ଉତ୍ତମ ନାଗରିକ ସୃଷ୍ଟି ହୁଅନ୍ତି'

ବାରିପଦା ଅଫିସ,୧୨।୧୧

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବେତନଟୀ ସଙ୍କୁଳ ପ୍ରମୁଖ ଶଶଧର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଭାଗ ସହ ନିରୀକ୍ଷକ ଯୁବରାଜ କୁଦେଇ ଯୋଗଦେଇ କ୍ରୀଡ଼ା ଉତ୍ସବ ମାଧ୍ୟମରେ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବରେ ପରିଚାଳନା ସମିତି ଉପସଭାପତି ରସାନନ୍ଦ ବଳଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବଡ଼ସାହି ସମବାୟ ସମିତିର ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ ଯୋଗଦେଇ ସୁସ୍ଥ ପରିବେଶରେ ଉତ୍ତମ ନାଗରିକ ସୃଷ୍ଟି ହୋଇଥାନ୍ତି ବୋଲି କହିବା ସହ



କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କ୍ରୀଡ଼ା ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଶିଶୁମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବିଭାଗ ଜିଲା ସହ ପ୍ରମୁଖ ପ୍ରବୋଧ କୁମାର ଭୂୟାଁ, ସମ୍ମାନିତ ଅତିଥି ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଦୀପ କୁମାର ଭୂୟାଁ ଓ ସହ ସମ୍ପାଦକ ଦିଲୀପ କୁମାର ନାୟକ ଯୋଗ ଦେଇଥିଲେ। ସ୍କୁଲର ଶାରୀରିକ ପ୍ରମୁଖ ସୁମନ୍ତ ବେହେରା ଓ ସହ ପ୍ରମୁଖ ବିଶିକେସନ ପାତ୍ରଙ୍କ ମାର୍ଗଦର୍ଶନରେ ପ୍ରତିଯୋଗିତା କରାଯାଇଥିଲା। ୨୩୦ ଛାତ୍ରୀଛାତ୍ର ୪୩ ପ୍ରକାର କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନୀଳାଦ୍ରି ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

## ଦିବ୍ୟାଙ୍ଗ ଯୁବତୀ ଅନ୍ତଃସତ୍ତ୍ୱା, ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୧୨।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ୫ ମାସର ଅନ୍ତଃସତ୍ତ୍ୱା ପରେ ଫେରାର ହୋଇଯିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରିଛି। ସେ ହେଲେ ବେତନଟୀ ଅଞ୍ଚଳ ରେଣୁସାହି ଗ୍ରାମର ନିର୍ମଳ ମହାନ୍ତ। ସୂଚନା ଅନୁଯାୟୀ, ନିର୍ମଳ ଉକ୍ତ ଯୁବତୀଙ୍କୁ ଭଲପାଇବା ସହ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଯୁବତୀ ଅନ୍ତଃସତ୍ତ୍ୱା ଥିବା ଜାଣି ନିର୍ମଳ ଫେରାର ହୋଇଯାଇଥିଲେ। ଯୁବତୀ ଜଣକ ବାରମ୍ବାର ଯୋଗାଯୋଗ ପାଇଁ ଚେଷ୍ଟା କରି ବିଫଳ ହେବାରୁ ବୈଶିଙ୍ଗା ଥାନାର ଦାରସ୍ଥ ହୋଇଥିଲେ। ଏନେଇ ବୈଶିଙ୍ଗା ଥାନାରେ ଏକ ମାମଲା (ନଂ.୩୫୮/୨୨) ରୁଜୁ କରାଯାଇଛି। ପୋଲିସ ତଦନ୍ତ କରି ଶନିବାର ସନ୍ଧ୍ୟାରେ ନିର୍ମଳଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

# ଆଉଟସୋର୍ସିଂ କର୍ମଚାରୀଙ୍କ ଜିଲାସ୍ତରୀୟ ସମାବେଶ

କେନ୍ଦୁଝର,୧୨।୧୧ (ସ୍ୱ.ପ୍ର./ଡି.ଏନ୍.ଏ)

କେନ୍ଦୁଝରଗଡ଼ କଲ୍ୟାଣମଣ୍ଡପଠାରେ ଆଉଟସୋର୍ସିଂ କର୍ମଚାରୀଙ୍କ ଏକ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶେଷ କରି ଗତ ମାସ ୧୫ ରେ ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ଉଚ୍ଛେଦ କରିବା ନେଇ ଘୋଷଣା କରିଥିଲେ। ରାଜ୍ୟର ବିଭିନ୍ନ ସରକାରୀ ଅଫିସମାନଙ୍କରେ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇ କାମ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ନେଇ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ସମାବେଶରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ଆସନ୍ତା ୧୪ ରୁ ୧୯ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପିନ୍ଧି କାମ କରି ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଛି। ୨୦ ତାରିଖ ସୁଦ୍ଧା ରାଜ୍ୟ ସରକାର କୌଣସି



ଆଉଟସୋର୍ସିଂ କର୍ମଚାରୀ ସଂଘର କର୍ମକର୍ତ୍ତା।

ନିଷ୍ପତ୍ତି ନ ନେଲେ ୨୬ରୁ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ପୁଣି ଶକ୍ତି ପ୍ରଦର୍ଶନ କରିବାକୁ ବାଧ ହେବେ ବୋଲି ଜିଲାସ୍ତରୀୟ ଆଉଟସୋର୍ସିଂ କର୍ମଚାରୀ ସଂଘର ଜିଲା ସଭାପତି ଅଭିମନ୍ୟୁ ପାତ୍ର କହିଛନ୍ତି। ସ୍ୱଳ୍ପ ଦରମାରେ ଓ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ କାମ କରୁଥିବା କର୍ମଚାରୀଙ୍କ ପ୍ରତି ସରକାର ଜାଣିଶୁଣି ଅବହେଳା କରୁଛନ୍ତି ବୋଲି ଅତିଥି ଭାବେ ଯୋଗ ଦେଇଥିବା କେନ୍ଦୁଝର ଗ୍ରାମୀଣ ଡାକସେବକ ସଂଘର ସମ୍ପାଦକ ସଞ୍ଜୀୟ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଚିବ କାର୍ତ୍ତିକଚନ୍ଦ୍ର ପାତ୍ର, ଯୁଗ୍ମ ସଚିବ ଦୟାସାଗର ମହାନ୍ତ, କୋଷାଧ୍ୟକ୍ଷ ଭବାନୀଶଙ୍କର ମହାନ୍ତ, ରମାରଞ୍ଜନ ମିଶ୍ର, ଉପଦେଷ୍ଟା ପଦ୍ମଲୋଚନ ଜେନାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଳଦା ଆର୍‌ଡି ରୋଡ୍ ସମ୍ପ୍ରସାରଣ ଶିଳାନ୍ୟାସ

ବାହାନଗା, ୧୨।୧୧(ଡି.ଏନ.ଏ.)- ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଆଳଦା ଆରଡି ରୋଡର ସମ୍ପ୍ରସାରଣ ନିମନ୍ତେ ଶିଳାନ୍ୟାସ ହୋଇଛି। ଏହାକୁ ସୋର ବିଧାୟକ ପର୍ଶୁରାମ ଧଡା ଶିଳାନ୍ୟାସ କରିଥିଲେ। ଶନିବାର ଖରାସାହାପୁରର ଶଙ୍କରପଦାଠାରୁ ଆଳଦା ଆରଡି ରୋଡର ସମ୍ପ୍ରସାରଣ ନିମନ୍ତେ ରାଜ୍ୟ ସରକାର ୨୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ଆରଡି ବିଭାଗର କନିଷ୍ଠଯନ୍ତ୍ରୀ ଅଣାକାର ଯେନା, ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଉପାଧକ୍ଷ ସୁବାସିନୀ ପତି, ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ,ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ଆଳଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଦାଶ, ଲଳିତ ବିଶ୍ୱାଳ ଓ ଦୀପକ ନାୟକ ପ୍ରମୁଖ ଗ୍ରାମବାସୀ ଉପସ୍ଥିତିରେ ରାସ୍ତା ସମ୍ପ୍ରସାରଣର ଶିଳାନ୍ୟାସ କରାଯାଇଥିଲା।

### ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର

ବଡସାହି,୧୨।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମାଣଡ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଅମିତା ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରାର୍ଥୀଙ୍କୁ ଫାଷ୍ଟଏଡ୍ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ଜିଲା ଯୁବ ରେଡକ୍ରସ ସଂଯୋଜକ ଦିଲ୍ଲୀପ ଭୋଇ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ରେଡକ୍ରସ ଅଧିକାରୀ ଡ. ଅନ୍ତର୍ଯ୍ୟାମୀ ନାୟକ ପରିଚାଳନା କରିଥିଲେ। ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଯୋଗ ଦେଇଥିଲେ।

### ଗୋଟିଏ ଦିନରେ ୩ ଚୋରି

ଜଳେଶ୍ୱର, ୧୨।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ବ୍ୟାହତ ହୋଇଛି। ଶୁକ୍ରବାର ଦିନ ଦ୍ୱିପ୍ରହରରେ ଜଣେ ଇଞ୍ଜିନିୟରଙ୍କ ଠାକୁରଘର ଗ୍ରୀଲ ତାଡି ଲକ୍ଷାଧିକ ଟଙ୍କାର ଅଳଙ୍କାର ସହିତ ନଗଦ ଲକ୍ଷେ ଟଙ୍କା ଚୋରି ହୋଇଛି। ସେହିପରି ଶାଳିକୋଠା ଗାଁର ୨ଟି ମନ୍ଦିରରେ ରାତିରେ ଦୁର୍ବୃତ୍ତମାନେ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିନେଇଥିବା ଅଭିଯୋଗ କରିଛନ୍ତି।ଜଳେଶ୍ୱର ପୌରପାଳିକାର ପଥରପୁର ଅଞ୍ଚଳର ଅବସରପ୍ରାପ୍ତ ବିଦ୍ୟୁତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଳାସ ଦାସ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ବୁଲି ଯାଇଥିଲେ। ସ୍ତ୍ରୀ କଳ୍ପନା ଦାସ ଜଣେ ଶିକ୍ଷୟିତ୍ରୀ ହୋଇଥିବାରୁ ସେ ସ୍କୁଲକୁ ଯାଇଥିଲେ । ଏହି ସୁଯୋଗରେ କେତେକ ଦୁର୍ବୃତ୍ତ ଘର ପଛପଟେ ଥିବା ଠାକୁର ଘର ଗ୍ରୀଲ ତାଡି ଠାକୁରଙ୍କ ଅଳଙ୍କାର ଚୋରି କରିଥିଲେ। ପରେ ଘର ଭିତରକୁ ପ୍ରବେଶ କରି ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୧ଲକ୍ଷ ଟଙ୍କା ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି ।ସେହିପରି ଗତ ବିଳମ୍ବିତ ରାତିରେ ଆରୁହା ପଞ୍ଚାୟତର ଶାଳିକୋଠା ଗାଁରେ ଥିବା ରାଧାକୃଷ୍ଣ ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଓ ରୁପା ଅଳଙ୍କାର ଚୋରି କରିଛନ୍ତି। ସକାଳେ ପୂଜକ ତାଲା ଭଙ୍ଗା ହୋଇଥିବା ଦେଖି ପ୍ରଥମେ ଗାଁ ଲୋକ ଓ ପରେ ପୋଲିସକୁ ଖବର ଦେଇଥିଲେ। ପ୍ରାୟ ଅଢେଇ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଜଣାଯାଇଛି। ମନ୍ଦିର ଅନତି ଦୂରରେ ବଣବାସୁଲୀ ଠାକୁରାଣୀଙ୍କ ଏକ ମନ୍ଦିର ରହିଛି । ସେ ମନ୍ଦିରର ତାଲା ଭାଙ୍ଗି ଅଳଙ୍କାର ଚୋରି ହୋଇଛି । ଏଠାରୁ ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କା ହେବ।

### ସୋରରେ ୨ ସ୍ଥାନରେ ଅଗ୍ନିକାଣ୍ଡ

ସୋର, ୧୨।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଘରୋଇ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ରାତିରେ ତଳନଗର ପଞ୍ଚାୟତ ଅଲିପୁର ଗ୍ରାମରେ ମହେଶ୍ୱର ବାରିକଙ୍କ ଘରେ ନିଆଁ ଲାଗିଯାଇଥିଲା। ପଡୋଶୀଙ୍କ ସହାୟତାରେ ଅଳ୍ପ କିଛି ଘରୋଇ ସାମଗ୍ରୀ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ସମସ୍ତ ଆସବାବପତ୍ର ଧାନ ଚାଉଳ ପୋଡିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଆଦର୍ଶ ଯୁବ ପରିଷଦ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ରାଶନ, ଶୁଖିଲା ଖାଦ୍ୟ, ପଲିଥିନ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଶନିବାର ମଧ୍ୟାହ୍ନରେ ସୋର ମ୍ୟୁନିସିପାଲିଟି ଅଧୀନ ମୁଳେଶ୍ୱର ମୌଜାର ପ୍ରହ୍ଲାଦ ମହାପାତ୍ରଙ୍କ ଘରେ ରୋଷେଇ ଚୁଲିରୁ ନିଆଁ ଉଠି ଅଗ୍ନିକାଣ୍ଡ ଘଟିଛି।

# ଓଜେଏସ୍: ମୟୂରଭଞ୍ଜରୁ ୨ ସଫଳ

ବାରିପଦା ଅଫିସ,୧୨।୧୧


କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସହ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଅଧାପିକା ଅଧାପକ।

ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ୍(ଓଜେଏସ) ପରୀକ୍ଷାରେ ମୟୂରଭଞ୍ଜ ଜିଲାରୁ ୨ ଜଣ କୃତିତ୍ୱ ହାସଲ କରିଛନ୍ତି। ଏହାକୁ ନେଇ ବାରିପଦାସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ.ସୁକାନ୍ତ ଦ୍ୱିବେଦୀଙ୍କ ଅଧକ୍ଷତା କରି ମହାବିଦ୍ୟାଳୟ ପକ୍ଷରୁ ଦୁଇଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉକ୍ତ ପରୀକ୍ଷାରେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଅଧ୍ୟୟନ କରିଥିବା ମୋଟ ୭ ଜଣ ସାକ୍ଷାତକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ସ୍ଥିର ହୋଇଥିବା ୫୦ଟି ସ୍ଥାନ ମଧ୍ୟରୁ ବାରିପଦା ମଧୁବନ ଅଞ୍ଚଳର ନଗେନ୍ଦ୍ର ଜେନାଙ୍କ କନ୍ୟା ଅନୁଶ୍ରୀ ଜେନା ୧୪ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦାରଗାଡ଼ିହି ଅଞ୍ଚଳର ଇନ୍ଦ୍ରରାଜ ସିଂ ରାଠୋଙ୍କ ପୁତ୍ର ଦୀପେନ୍ଦ୍ର ସିଂ ରାଠୋର ୨୪ତମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ତଥା ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଦୀପେନ୍ଦ୍ର ୨୦୨୧ରେ ଉକ୍ତ ଆଇନ ମହାବିଦ୍ୟାଳୟରେ ଆଇନ ପାଠ୍ୟକ୍ରମ ଶେଷ କରିଥିବା ବେଳେ ପ୍ରଥମ ପ୍ରୟାସରେ ସଫଳତା ହାସଲ କରିଥିଲେ। ଅନୁଶ୍ରୀ ୨୦୧୬ରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ତରଫରୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଦୀପେନ୍ଦ୍ର ସିଂ ରାଠୋର ୨୦୨୧ମସିହାରେ ସର୍ବୋଚ୍ଚ ନମ୍ବର ରଖି ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ତରଫରୁ ସ୍ୱର୍ଣ୍ଣ ପଦକ ବିବେଚିତ ହୋଇଛନ୍ତି। ଅନୁଶ୍ରୀ ବାରିପଦା ଜିଲା କୋର୍ଟରେ ଅତିରିକ୍ତ ସରକାରୀ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ। ମହାବିଦ୍ୟାଳୟ ଅଧାପକ ଡ. ରଞ୍ଜନ ତରେଇ, ଡ.ବନମାଳୀ ବାରିକ, ଭକ୍ତଚରଣ ସୋରେନ, ଅଧାପିକା ଲୋରା ଅପ୍ସପ୍ରଭା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି।



କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ କପୁଣ୍ଡିସ୍ଥିତ ଗ୍ରାମୀଣ ଜୀବିକା ତାଲିମ କେନ୍ଦ୍ରଠାରେ ଶନିବାର ଧରିତ୍ରୀ, ୟୁନିସେଫ୍ ଏବଂ ପିକକ୍ ଆନୁକୂଲ୍ୟରେ ଅନୁଷ୍ଠିତ ଶିଶୁ ସାମ୍ବାଦିକତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅତିଥିବୃନ୍ଦ।

## ବିପର୍ଯ୍ୟୟ ପରିଚାଳନା ତାଲିମ

ବନ୍ତ,୧୨।୧୧(ଡି.ଏନ୍.ଏ.)
ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଶନିବାର ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି ସଭାପତି ତଥା ଚାରିଗାଁ ସରପଞ୍ଚ ଗୀତିକା ଭୋଇଙ୍କ ସଭପତିତ୍ୱ ଏବଂ ସମ୍ପାଦକ ରାମଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରକୁ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଧରଣୀଧର କର ଓ ପୂର୍ବତନ ସରପଞ୍ଚ ବନମାଳୀ ବେହେରା ଯୋଗ ଦେଇଥିଲେ। ବ୍ଲକ ନୋଡାଲ ଏନ୍‌ଜିଓ ସିଏଫ୍‌ଏଚ୍ଡବ୍ଲ୍ୟୁଏସ୍‌ଡିର କାର୍ଯ୍ୟକାରୀ ସମ୍ପାଦକ ନୃସିଂହ ଚରଣ ମହାନ୍ତିଙ୍କ ସହଯୋଗରେ ଆୟୋଜିତ ଶିବିରରେ ତାଲିମଦାତା ଭାବେ କାଳିପଦ ରାୟ ଯୋଗ ଦେଇଥିଲେ। ୭ ଦିନ ଧରି ଶିବିର ଚାଲିବ। ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରକାନ୍ତ ବେହେରା, ବିଶ୍ୱଜିତ୍ ସାହୁ, ଜୟଶ୍ରୀ ବେହେରା, ଶୈଳବାଳା ସାହୁ, ଅନାମ ଜେନା, ଆନନ୍ଦ ଜେନା ଓ ରଶ୍ମିରେଖା ସାହୁ ସହଯୋଗ କରିଥିଲେ।

# 'ଉନରୁମ୍', ପ୍ରାକ୍ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ବାଲେଶ୍ୱର ଅଫିସ,୧୨।୧୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଉନରୁମ୍' କାର୍ଯ୍ୟକ୍ରମର ଲୋଗୋ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଧିବଦ୍ଧ ଭାବେ ଏହାକୁ ଉନ୍ମୋଚନ କରିଥିଲେ। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏକ ଆନ୍ତର୍ଜାତୀୟ ସ୍ତରର ପାର୍ବଣ ଉତ୍ସବ ତଥା ସାଂସ୍କୃତିକ କାର୍ଯ୍ୟକ୍ରମକୁ 'ଉନରୁମ୍' ନାମକରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ନେଦରଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, ୟୁଏସ୍‌ଏ, ଅଷ୍ଟ୍ରେଲିଆ ଆଦି ଦେଶରୁ ଆଦିବାସୀ ଲୋକସଂସ୍କୃତି ଭିତ୍ତିକ ପ୍ରଦର୍ଶନଶୀଳ କଳା ପ୍ରଦର୍ଶନ ନିମିତ୍ତ କଳାକାରମାନଙ୍କୁ ନିମନ୍ତ୍ରଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏପରି ହେବା ଦ୍ୱାରା ବିଶ୍ୱର ଭିନ୍ନ ଭିନ୍ନ ପ୍ରାନ୍ତରେ ପ୍ରଚଳିତ ହେଉଥିବା କଳାଗତ ସୌନ୍ଦର୍ଯ୍ୟ ତଥା ସାଂସ୍କୃତିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ବିଦ୍ୟାର୍ଥୀ ଓ ଅନ୍ୟ ସମସ୍ତେ ଅବଗତ ହୋଇପାରିବେ ବୋଲି କୁଳପତି ପ୍ରକାଶ କରିଥିଲେ। ସଭାରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ପ୍ରମୁଖଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧାପିକା, ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟର ରୌପ୍ୟଜୟନ୍ତୀ ପାଳନ ଅବସରରେ 'ପ୍ରାକ୍' ରୌପ୍ୟ ଜୟନ୍ତୀର ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ଲୋଗୋ ସହିତ ଏହି ପ୍ରାକ୍ - ରୌପ୍ୟ ଜୟନ୍ତୀ ଲୋଗୋ ବ୍ୟବହାର କରିବା ପାଇଁ ମତପ୍ରକାଶ ପାଇଥିଲା।



ଅତିଥିଙ୍କ ଦ୍ୱାରା 'ଉନରୁମ୍' ଲୋଗୋ ଉନ୍ମୋଚନ କରାଯାଉଛି।

## ମଦ ଜବତ, ମହିଳାଙ୍କ ସମେତ ୩ ଗିରଫ

ଉଦଳା, ୧୨।୧୧ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ପୋଲିସ ଶନିବାର ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସକାଳେ ଅମ୍ବିକାଦେଇପୁର ଅଞ୍ଚଳରେ ଦେଶୀ ମଦ ତିଆରି ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ୫ ହଜାର କିଲୋରୁ ଉର୍ଦ୍ଧ୍ୱ ପୋଚ ପୋଲିସ ନଷ୍ଟ କରିଛି। ଏହାସହ ୨ଶହ ଲିଟର ଦେଶୀ ମଦ ଏବଂ ଦୁଇଟି ବାଇକ୍ ଜବତ କରିଛି। ମଦ ପ୍ରସ୍ତୁତ କରୁଥିବା ଅଭିଯୋଗରେ ଗିରଫ ୩ ଜଣ ହେଲେ ଅମ୍ବିକାଦେଇପୁର ଗ୍ରାମର ସୁମିତ୍ରା ହାଁସଦା, ଜଗଦୀଶ ହେମ୍ବ୍ରମ ଓ ଦୁର୍ଗାଚରଣ ହାଁସଦା। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜମୁଛି ବାଲିଯାତ୍ରା

ଭଦ୍ରକ ଅଫିସ, ୧୨।୧୧

ଭଦ୍ରକ ବାଉଦପୁରସ୍ଥିତ ସାଳନ୍ଦୀ ନଦୀକୂଳରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଚାଲିଥିବା ବାଲିଯାତ୍ରା ଜମୁଛି। ଗାଁର ପ୍ରବେଶ ପଥରେ ନିତାଇ ଗୌରାଙ୍ଗ ବାଲିଯାତ୍ରା ଓ ଶେଷ ମୁଣ୍ଡରେ ଟ୍ରେନ୍ ଲାଇନ ପାର୍ଶ୍ୱ ସାଳନ୍ଦୀ ନଦୀପଠାରେ ହରିହର ବାଲିଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ହରିହର ବାଲିଯାତ୍ରା ୬୭ବର୍ଷରେ ଓ ନିତାଇ ଗୌରାଙ୍ଗ ବାଲିଯାତ୍ରା ୬୮ ବର୍ଷରେ ପଦାର୍ପଣ କରିଛି। ୭ ଦିନ ଧରି ସନ୍ଧ୍ୟାରେ ମେଲୋଡ଼ି, ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମୀନାବଜାର ପଡ଼ିଛି। ରାଧାକୃଷ୍ଣ ଓ ନିତାଇ ଗୌରାଙ୍ଗଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ କିମ୍ବଦନ୍ତୀ ଆଧାରିତ ବିଭିନ୍ନ ପାର୍ଶ୍ୱମୂର୍ତ୍ତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ବାଲିଯାତ୍ରାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଭଦ୍ରକ ସହରବାସୀଙ୍କ ବ୍ୟତୀତ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ଏହି ବାଲିଯାତ୍ରା ଦେଖିବାକୁ ଆସିଥାନ୍ତି। ସ୍ୱର୍ଗତ ଧ୍ରୁବ ମହାନ୍ତି ଓ ରାଧାକୃଷ୍ଣ ମହାନ୍ତିଙ୍କ ଉଦ୍ୟମରେ ହରିହର ବାଲିଯାତ୍ରା ଆରମ୍ଭ ହୋଇଥିଲା। ଛୋଟିଆ ଗାଁ ଯାତ୍ରାରୁ ଏହା ଏକ ବଡ଼ ପର୍ବରେ ପରିଣତ ହୋଇପାରିଛି। ୧୯୫୬ରୁ ବାଲିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଦର୍ଶକଙ୍କ ପାଇଁ କମିଟି ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା କମିଟି ସଭାପତି ଦୟାନିଧି ପଣ୍ଡା କହିଛନ୍ତି।


ବାଲିଯାତ୍ରାରେ ଲୋକଙ୍କ ଭିଡ଼।

## ଓଡ଼ିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

### ଭତ୍ତା ଟଙ୍କା ବୃଦ୍ଧି ଦାବି

**କେନ୍ଦୁଝର,୧୨।୧୧(ସ୍ୱ.ପ୍ର.):** ଓଡ଼ିଶା ବିକଳାଙ୍ଗ ମଞ୍ଚ କେନ୍ଦୁଝର ଜିଲା ଶାଖା ପକ୍ଷରୁ ଭତ୍ତା ୫୦୦ ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି ଦାବି ହୋଇଛି। ଏ ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ସାଧାରଣ ଗରୀବ ଭିନ୍ନକ୍ଷମ ଲୋକଙ୍କ ସାମାଜିକ ସୁରକ୍ଷା ପାଇଁ ମହଙ୍ଗା ଯୁଗରେ ୫୦୦ ଟଙ୍କାରେ ଚଳିବା କଷ୍ଟକର ବ୍ୟାପାର। ଅତ୍ୟାବଶ୍ୟକୀୟ ସାମଗ୍ରୀ ତଥା ମେଡିସିନ ଆଦିର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି। ମାତ୍ର ଗତ ୧୦ ବର୍ଷ ହେଲେ ମଧୁବାବୁ ପେନସନ ଯୋଜନା ଲାଗୁ ହୋଇଥିଲେ ହେଁ ଭତ୍ତା ବୃଦ୍ଧି କରାଯାଇନାହିଁ ବୋଲି ମଞ୍ଚର କେନ୍ଦୁଝର ଶାଖା ସମ୍ପାଦକ ଅଭୟ ଜେନା କହିଛନ୍ତି। ଅନ୍ୟ ରାଜ୍ୟରେ ଦିବ୍ୟାଙ୍ଗ ଭତ୍ତା ୨ ହଜାର ଓ ଅଧିକ ଥିବା ବେଳେ ଓଡ଼ିଶାରେ ଏହା ବହୁତ କମ ମିଳୁଥିବା ଲଜ୍ଜାଜନକ ଓ ହାସ୍ୟାସ୍ପଦ ବୋଲି ସେମାନେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ବଳରାମ


@ରତିକାନ୍ତ


@ଶିବା


@ଦାଶରଥୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମାଛ ଯାଆଁଳ, ଖାଦ୍ୟ ବିତରଣ


କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧିକାରୀମାନେ।

ଯୋଡ଼ା,୧୨।୧୧(ଡି.ଏନ.ଏ)
କେନ୍ଦୁଝର ଜିଲା ଯୋଡ଼ା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତଥା ଯୋଡ଼ା କୃଷି ବୈଷୟିକ ସେବା ଆନୁକୂଲ୍ୟରେ ବିଭିନ୍ନ ପଞ୍ଚାୟତକ୍ଷେତ୍ର ପ୍ରଦର୍ଶନୀ ନିମନ୍ତେ ମାଛ ଯାଆଁଳ ଓ ଖାଦ୍ୟ ବିତରଣ କରାଯାଇଛି। ବ୍ଲକ ଅଧୀନ ଅଂଶେଇକଳା, କଣ୍ଡରା, ବିଲେଇପଦା, କାଟେସାହି, ବଲାଣୀ ତଥା ଅନ୍ୟ ପଞ୍ଚାୟତଗୁଡ଼ିକରେ ଥିବା ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କୁ ରୋହି, ଭାକୁର ଏବଂ ମିରିକାଳି ଭଳି ଉନ୍ନତମାନର ମାଛ ଯାଆଁଳ ଓ ଖାଦ୍ୟ ବିତରଣ କରାଯାଇଥିଲା । ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କୁ ତାଲିମ ଯୋଗାଇ ଦିଆଯିବା ସହ ଯାଆଁଳ ଓ ମାଛ ଦାନା ଦିଆଯାଇ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷ କବୀନ୍ଦ୍ର ନାଏକ, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଉପାଧକ୍ଷ ଦଶରଥ ବାରିକ, ବ୍ଲକ ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭା ବିକାଶ ଲାଗି ସୁଯୋଗ ଦେଉଛି 'ସୁରଭି', 'କଳା ଉତ୍ସବ'

ବାଲେଶ୍ୱର ଅଫିସ, ୧୨।୧୧


ଜିଲାସ୍ତରୀୟ 'ସୁରଭି' ଓ 'କଳା ଉତ୍ସବ' ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

ବାଲେଶ୍ୱର ସହରସ୍ଥିତ ଜିଲା ସ୍କୁଲ ପରିସରରେ ସମଗ୍ର ଶିକ୍ଷା ଅଭିଯାନ ବାଲେଶ୍ୱର ଶାଖା ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଓ 'କଳା ଉତ୍ସବ'-୨୦୨୨ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଧିକାରୀ ବିଷ୍ଣୁପ୍ରସାଦ ସୂତାର ଉତ୍ସବକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ଶିକ୍ଷାନୀତିରେ ଶିଶୁ ମହୋତ୍ସବର ଗୁରୁତ୍ୱ ବେଶ୍ ଅଧିକ। ଏହା ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ସୁଯୋଗ ଆଣିଦେଇଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାନସିକ ଓ ବୌଦ୍ଧିକ ବିକାଶରେ 'ସୁରଭି' ଏକ ପ୍ଲାଟଫର୍ମ ହୋଇପାରିଛି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ଓ ଧରଣୀଧର ପାତ୍ର, ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ଜିଲା ସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଜିଲାର ୧୨ଟି ବ୍ଲକରୁ ୩୫୫ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସୁରଭି ଉତ୍ସବରେ ୧୮ଟି ପ୍ରତିଯୋଗିତାରେ ୩୦୦ ଏବଂ କଳା ଉତ୍ସବରେ ୧୦ଟି ପ୍ରତିଯୋଗିତାରେ ୫୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଶ୍ରେଷ୍ଠ ବିବେଚିତ ୩୩ଜଣ ପ୍ରତିଯୋଗୀ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି।

**ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ୩୫୫ ଛାତ୍ରୀଛାତ୍ର**

